188.C.116

ଶ୍ରୀ ମଧୁ ସୂଦନ ବିଶଠିଙ୍କ କୃତ

ଲକ୍ଷ୍ମଣ ଶକ୍ତିଭେଦ ।

BENGAL LIBRARY 19 SEP 1919

ଶ୍ରୀଅର୍ଜୁନ ମହାରାଣାଙ୍କ ଦ୍ୱାରା ସଂଶୋଧିତ ଓ
ପ୍ରଥମ ବାର ପ୍ରକାଶିତ ।
୮, ସେଣ୍ଟ ଜେମସ୍ ସ୍କୋୟାର, ବଡ଼ବଜାର, କଲିକତା ।

Printed by M. L. Maharana,
UTKAL PRESS.
8, St. James Square, Calcutta.
1919.

ମୂଲ୍ୟ ୫୦/୩ ମାତ୍ର ।

NOT TO BE LENT OUT

IMPERIAL LIBRARY.

NOV - 4 1920

Or
891·451
M837l

ଲକ୍ଷ୍ମଣ ଶକ୍ତି ଭେଦ ।

AL LIBRARY
19 SEP 1919
WRITERS' BUILDINGS

ପ୍ରଥମ ଛାନ୍ଦ ।

ରାଗ—ଶୋକ ବସନ୍ତ ।

ଜୟ ଦଶରଥ ସୁତ ଶ୍ରୀରାମ ଲକ୍ଷ୍ମଣ । ସନ୍ଥଜନ ଉଦ୍ଧାରଣ ଦୁଷ୍ଟ ନିବାରଣ । ସାନନ୍ଦକନ୍ଦ ହେ । ସୂର୍ଯ୍ୟବଂଶ ସଦ ପୂର୍ଣ୍ଣ-ଇନ୍ଦୁ ହେ । ୧ ॥

ଶୁଣ ହେ ସୁଜନ ଜନେ ମନ କର୍ଣ୍ଣ ଦେଇ । ଲକ୍ଷ୍ମଣ ଶକ୍ତିଭେଦ ଅପୂର୍ବ ଅଟଇ । ହର ପାର୍ବେ ହେ । ଉମାଦେବୀ ପୁଚ୍ଛନ୍ତି ଆନନ୍ଦେ ହେ । ୨ ॥

ମହୀରାବଣ ବିନାଶ ଶୁଣି ଦଶାନନ । ଚିନ୍ତି କି ବସିଲ ବଲି ଦର୍ପିଷ୍ଟ ସ୍ୱଜନ । ତାହା ମୋତେ ହେ । ସଂକ୍ଷେପି କହିବା ଭୂତନାଥେ ହେ । ୩ ॥

ତୋଷେ କହନ୍ତି ମହେଶ ଶୁଣ ଗୋ ପାର୍ବତୀ । ପୁତ୍ର ନାତି ସମସ୍ତ ମରାଇ ଲଙ୍କପତି । ମନ୍ତ୍ରୀ ବଳ ସେ । ଧରି କଷ୍ଟେ ଶୋକରେ ଅଛିଲ ସେ ।

ନର ବାନର ଆସି ମୋ କୁଳେ କାଳ ହେଲେ । ପୁତ୍ର ନାତି ସୈନ୍ୟ ରୁଚିଲେ ସକଳ ମାଇଲେ । ମୁହିଁ ଅଛି ହେ । କି କରିବ ବୁଦ୍ଧି ଦିଶୁ ନାହିଁ ହେ । ୫ ॥

କହେ ମନ୍ତ୍ରୀ ମନ୍ଦୋଦରୀ ବାଣୀ ନ ଶୁଣିଲ । ଭଲ କହିଲାରୁ ବିଭୀଷଣକୁ ତେଜିଲ । କର୍ମ ଦୋଷ ହେ । ସୀତା ଦେଇ ଶରଣ ଯେ ପଶ ହେ । ୬ ॥

ସୁବର୍ଣ୍ଣ ଲଙ୍କା କଟକେ ହୋଇଲୁ ଅମର । ପୁଣି ପୁତ୍ର ନାତି ତୋର ହୋଇବେ ଅପାର । ସ୍ୱ ନକଲେ ସେ । ରାମ ହସ୍ତେ ମଇଲୁ ରୁ ଲଭିଲ ସେ । ୭ ॥

ମନ୍ତ୍ରୀର ବଚନ ଶୁଣି କହେ ଦଶଶିର । ଯେ କାଳରେ ପୁତ୍ର ନାତି ମ ହେଲେ ମୋହର । ଏବେ ମୁହିଁ ହେ । ରଘୁବରକୁ ଜିଣିବି ହେ । ୮ ॥

ଅସନ୍ଧ୍ୟ କର୍ମକୁ ମନ୍ତ୍ରୀ କହିଲୁ ଏ କଥା । କିନ୍ତୁ ମହାଯୋଧ ହେଲ ଦଶମଥା । ଯାଉ ସୈନ୍ୟ ରେ । ଆଜି ଯୁଦ୍ଧେ ନେବ ରାମ ପ୍ରାଣ ରେ । ୯ ॥

ଉନ୍ମତ୍ତ ସେ ମହାମତ୍ତ ସୈନ୍ୟ ସଙ୍ଗତରେ । ବ୍ରହ୍ମଶକ୍ତି ସେନ ଦୈତ୍ୟ ବସିଲ୍ଲ ରଥରେ । ଯୁଦ୍ଧସ୍ଥଳେ ହେ । ପ୍ରବେଶ ରାବଣ ମଧ୍ୟ ହୋଇଲେ ହେ । ୧୦ ॥

ତ୍ରିପଦୀ ଛନ୍ଦ । ରାଗ—ଉଷାବଳେ ।

ରାବଣ ସୈନ୍ୟ ଦେଖି କପିଗଣ ଶାଳ ଶିଳ କରେ ଧରି । ଉନ୍ମତ୍ତ ମହାମତ୍ତଙ୍କୁ ସେ ବେଢ଼ିଲେ ପ୍ରଳୟ ଅଗ୍ନିର ପରି ସେ । ଦୈତ୍ୟ । ଦେଖି ଯୁଦ୍ଧ କଲେ ଅପ୍ରମିତ ସେ । ବେଗେ ଧାଇଁଲ୍ଲ ମକର ସୁତ ସେ । ଦୈତ୍ୟ ବଳ ମାଇଲ୍ଲ ବହୁତ ସେ । ରଣେ ପଡ଼ିଲେ ମତ୍ତ ଉନ୍ମତ୍ତ ସେ ।୧॥ ଦେଖି ଦଶଶିର କ୍ରୋଧେ ଶରବର ସାରଥିଙ୍କ କହେ ସୁଧି । ଶ୍ରୀରାମ ଆଗକୁ ରଥ ବେଗେ ବାହ ସ୍ୱପ୍ନଠାରେ କାର୍ଯ୍ୟ ନାହିଁ ସେ । ରାମ । ନାଶ କଲେ ହେବ ପୂର୍ଣ୍ଣ କାମ ସେ । ବିଭୀଷଣର ବୁଡ଼ିବ ନାମ ସେ । ଲକ୍ଷ୍ମଣଙ୍କୁ ନେବ ଅନ୍ତ ଯମ ସେ । କପି ଛାଡ଼ିବେ ଅନ୍ତ ସଂଗ୍ରାମ ସେ । ୨ ॥ ଶୁଣିଣ ସାରଥି ଶ୍ରୀରାମଙ୍କ କଡ଼ ରଥବର ନେଇ ଗଲା । କୋପେ ରଘୁବର ବସିଲେ ସେ ଶର ରାବଣ ତାହା ଛେଦିଲ୍ଲ ସେ । ଦୈତ୍ୟ । ବ୍ରହ୍ମଶକ୍ତି ପେଶିଲ୍ଲ ଭୁଜଙ୍ଗ ସେ । ପ୍ରତି ଶରେ ଛେଦେ ରାମ ସ୍ୱୟଂ ସେ । ଶରେ ସାରଥିଙ୍କ କଲେ ହତ ସେ । ଦେଖି ରାବଣ ହେଲ୍ଲ ଚକିତ ସେ । ୩ ॥ ସୁମିତ୍ରା କୁମର ଶୁଣି ପାଞ୍ଚଶର ଧନୁରେ ଚଢ଼ାଇ ଦେଲେ । ରାବଣର ରଥ ଧ୍ୱଜ ପତାକାକୁ କାଟି ତଳେ ପକାଇଲେ ତା । ଦୁଃଖ । ବିଭୀଷଣ ସେ ଅନଳ ହୋଇ ସେ ଗଦା ପ୍ରହାରେ ଅଶ୍ୱ ନାଶଇ । ଲଜ୍ଜା ପାଇଲ୍ଲ ସେ ଲଙ୍କାପତି । ବିଭୀଷଣଙ୍କୁ କୋପେ କହଇ ସେ । ୪ ॥ ମୟଦୈତ୍ୟ ଦେଇଥିବା ବ୍ରହ୍ମଶକ୍ତି କୋପେ ଧଇଲ୍ଲ ରାବଣ । ମହାକ୍ରୋଧରେ [illegible] ମନ୍ତ୍ର ଅରେ ବିଭୀଷଣ ତା ଦୁଃଖ । ବିଭୀଷଣ ସେ ଗଲ୍ଲ ପଳାଇ । ଲକ୍ଷ୍ମଣର ପଛେ ଲୁଚି ଯାଇ । ଦେଖି କ୍ରୋଧେ ରାବଣ କହଇ । ତାକୁ ଛାଡ଼ିବେ ଲକ୍ଷ୍ମଣ ଭୁଜ ତା । ୫ ॥ ଏ ବ୍ରହ୍ମ ଶକ୍ତି ତ [illegible] ଅବ୍ୟର୍ଥ ହୋଇଯା ଲକ୍ଷ୍ମଣ । ଏତେ କହି ବ୍ରହ୍ମଶକ୍ତି ଛାଡ଼ି ଦେଲ୍ଲ [illegible] ରାବଣ ସେ । ଶକ୍ତି । ଦେଖି ବାନର ପଳାଇ ଯାନ୍ତି । ଲକ୍ଷ୍ମଣ ବକ୍ଷେ ପଡ଼ିଲେ ଶକ୍ତି । ରଣ ପଡ଼ିଲେ ସେ

ପଇମିଛି । ଅଙ୍ଗ ପୁଞ୍ଚି ଭେଦେ ବକ୍ଷମଙ୍ଗ ସେ । ୭ ॥ କୋପରର ହୋଇ ରଘୁକୁଳ ସାଇଁ ଭରେ ଧନୁଶର ଧରି । ରାମ କୋପ ଦେଖି ପାପିଷ୍ଠ ରାବଣ ପଳାଇଲା ଲଙ୍କାପୁରୀ ସେ । ଭାଳେ । ରାମ ଲକ୍ଷ୍ମଣ ପାଶେ ମିଳିଲେ ସେ । ଲକ୍ଷ୍ମଣ ଦେଖ ନାହିଁ ଦେଖିଲେ ସେ । କରୁ ଧନୁ ଖସାଇଲେ ତଳେ ସେ । କପିମାନେ କାନ୍ଦନ୍ତି ବିକଳେ ସେ ।୭॥ ପଦ୍ମନାଭ ହସ୍ତୀ ଉପାଡ଼ିଲା ପାଦ୍ୱେ ରାମ ଉପାଡ଼ିଲେ ଶକ୍ତି । ଅହା ଲକ୍ଷ୍ମଣ ବୋଲିଣ ଶ୍ରୀରାମ ତଳ ପଡ଼ନ୍ତେ ଧରନ୍ତି ସେ । ଶିରେ । କର ମାରିଣ ରୋଦନ କଲେ ସେ । ସୁଗ୍ରୀ ବଶୀ-ଷଣ ସେ କାନ୍ଦିଲେ ସେ । ହନୁ ଶୋକେ ଭଳିଲ ମସ୍ତରେ ସେ । ଦ୍ୱିଜ ମଧୁ ଯେତେ ଡାକନ୍ତିଲେ ସେ । ୮ ॥

ଦ୍ୱିତୀୟ ଛାନ୍ଦ ।

ରାଗ—ଶୋକ କାମୋଦୀ ।

ଯଶୋଦା ଶୋକ ବୃତ୍ତେ ।

ଲକ୍ଷ୍ମଣକୁ ସେ କୋଳେ ଧରିଣ ରାମ । ଅହା ଭାଇ ବୋଲିଣ ଡାକିଲେ କାରୁଣ୍ୟ ସେ । ମନ ବଧାଣା । ଦୁଃଖ ଉପରେ ଦେଲୁ ଏ ଶୋକ ଅନ୍ତା ରେ । ୧ । ଚନ୍ଦ୍ରମା ମୁଖ ତୋର ନ ଦେଖି ମୁହିଁ । ଏ ପିଣ୍ଡେ ଅଛି ପ୍ରାଣ ରହିବ ନାହିଁ ରେ । ପ୍ରାଣର ଭାଇ । ତୁମ୍ଭେ ଶୟନେ ଶୋଇ ଅଛୁ କାହିଁ ରେ । ୨ । ତୋ ଉପକାର କେତେ ମୁହିଁ ପାରିବ । ବନନ୍ତେ ଫଳ ମୂଳ କେ ଯୋଗାଇବ ରେ । ତୋ ଗୁଣ ଗୁଣି । ଦେଖୁଁ ଦେଖୁଁ ଏ ପ୍ରାଣ ଯିବ ବାହାରି ରେ । ୩ । ନ ମଲି ମୁଁ ଦେଖିଲି ତୋର ମରଣ । ଛାର ସ୍ତ୍ରୀ ଲାଗିଣ ହେଲା ଏସନ ରେ । ମାନିଲୁ ନାହିଁ । କାହିଁକି ମୋ ସଙ୍ଗେ ଆସିଲୁ ଯୋଡ଼ାଇ ରେ । ୪ । ଅଯୋଧ୍ୟାପୁରେ କାହିଁ ନାହିଁ ମୋହର । ଜାନକୀ ଆଉ ପଡ଼େ ଅସୁର ପୁର ରେ । ଦୁଃଖିନୀ ମାଆ । ତୋ ଲାଗି ଦେଶାନ୍ତରେ ମରିବ ଝୁରି ରେ । ୫ । ବଣବାସ ମୋତେ ଦଇବ ଦେଲା । ତୁମ୍ଭେ ଶୟନ କେଉଁ ରୀତ ସହିବ ରେ । ପ୍ରାଣର ସଖା । ତ ଦୋଷେ ମୋତେ କରି ଗଲୁ ଏକା ରେ । ୬ । ବନବାସ କଷ୍ଟ

ଅନ୍ତରୀକ୍ଷେ ହୋଇଥିଲା ଲୁଚି ସେ । ମୂର୍ଚ୍ଛି ଯାଇ ବୋଲେ ସେ ଅସୁର ସେ । ମୋହର ଦୋଷ ନ ଧର ସେ । ତୋତେ ମାରିବାକୁ ଏ ମାୟା ରଚିଥିଲି କହିଛି ରାବଣ ଭୂପ ସେ । ୩ ।

ଶୁଣି ହନୁ କୋପେ ଚର୍ପିଲା ମାରେ । ପ୍ରାଣେ ମାରି ଗିରି କ୍ଷେପିଲା ପାଦରେ । ଦେଖିଲା ପ୍ରତିମା ସ୍ୱର୍ଗ ଲଗି ଯାଇଁ । ପବନୁ ପ୍ରସରେ ଗନ୍ଧର୍ବ ଗମନ ସେ । ମିଳିଲା ଗନ୍ଧମାର୍ଦ୍ଦନ ସେ । ଗନ୍ଧର୍ବମାନେ ସେ ବହୁ ଯୁଦ୍ଧ କଲେ ହନୁକୁ ହାରିଲେ ରଣେ ସେ । ୪ ।

ହନୁକୁ ଦେଖି ସେ ଔଷଧି ମାନେ । ଦେଖା ନଦେଲେ ଲୁଚିଲେ ଗୋପନେ । ଔଷଧ ନ ପାଇ ପବନ ସୁତ । କୋପଭରେ ଉପାଡ଼ିଲା ପର୍ବତ ସେ । ଶିରରେ ଘେନି ଚଳିଲା ସେ । ପବନୁ ପ୍ରବଳେ ଗମନେ ଅଷ୍ଟମର ଅଯୋଧ୍ୟା ମାର୍ଗେ ମିଳିଲା ସେ । ୫ ।

ଭରତ ଦେଖିଣ ବାଣ୍ଟୁଳି ମାରେ । ହନୁ ମୋହେ ପଡ଼ିଲା ସେ ଭୂତଳେ ॥ ରାମ ନାମ ଧରି ହେଲା ଚେତନ । ଭରତ ହନୁକୁ ବୋଲେ ବଚନ ସେ ॥ କଅଣ ଭ୍ରମୁ ପରିଚୟ ସେ । କେଉଁଠାରେ ଘର ଭ୍ରମୁ କେଉଁ ପୁର ରାମ ନାମ ମୁଖେ କହ ସେ । ୬ ।

ହନୁ ବୋଲଇ ଶ୍ରୀରାମ ଲକ୍ଷ୍ମଣ । ପିତା ସତ୍ୟ ପାଳି ଗଲେ ଅରଣ୍ୟ । ରାବଣ ସୀତାଙ୍କୁ ନେଲା ସେ ହରି । ଲଙ୍କାରେ ମିଳଣ କୋଦଣ୍ଡ ଧାରୀ ସେ ମାରି ଅନେକ ଅସୁର ସେ । ଶକ୍ତିଭେଦେ ଏବେ ଲକ୍ଷ୍ମଣ ପଡ଼ିଛି ମୂର୍ଚ୍ଛି ଶ୍ରୀରାମଙ୍କ ଦୁଃଖ ସେ । ୭ ।

ଔଷଧ ଘେନି ମୁଁ ଯାଉଅଛି । ଭ୍ରମୁ ସନ୍ଧ୍ୟାରେ ଦୃଷ୍ଟି ପଡ଼ିଲି ସେ । ଭରତ ଶୁଣି ପରିଚୟ ନେଲା । ଚରଣରେ ହନୁ ପ୍ରଣାମ କଲା ସେ । ସତ୍ୟ କଲେ ଦେଇ ସରେ ସେ । ବାଣ୍ଟୁଳି ମାରିବା ମୋହରେ ପଡ଼ିବା ନ କହିବ ରାମପାଶେ । ୮ ।

ବନ୍ଦନ ମୁଣ୍ଡି ଧରି ହନୁମାନ । ପର୍ବତ ଘେନି ଶୂନ୍ୟେ ଗମନ । ଲକ୍ଷ୍ମଣ ଶକ୍ତିଭେଦ ଭୁତ ଶୁଣି । ଭାବୁଣ୍ୟ କରଇ ଯେ ଘର ମଣି ସେ । କହଇ ମଧୁସୂଦନ ସେ । ଶ୍ରୀରାମ ଲକ୍ଷ୍ମଣ ଶ୍ରୀଚରଣେ ଧ୍ୟାନ ରହୁ ମୋର ସୁଦିନ ସେ । ୯ ।

———

ଷଷ୍ଠ ଛାନ୍ଦ । ଭରତ – ଶୋକ ।

ରାଗ—କଳହଂସ କେଦାର ।

ଅଯୋଧ୍ୟେ ଶୋଇ ଭରତ କାନ୍ଦଇ ବସି । କାହିଁକି ଭ୍ରାତ ମୋ ହେଲେ ବନବାସୀ ସେ । ମନ୍ଥରା ବୁଦ୍ଧିରେ ମୋ ମାତା ସ୍ତ୍ରୀ କଲା । କାଳ କାଳକୁ ମୋତେ କଳଙ୍କ ଦେଲା ସେ । ୧ ॥ ଲକ୍ଷ୍ମଣପତ୍ନୀ କାଇ ପାଇବ କାହିଁ । ଲକ୍ଷ୍ମଣ ଶୋକେ ରାମ କଷ୍ଟରେ କାହିଁ ସେ । ଧିକ ମୋ ପ୍ରାଣ ଥାଇ କେବଳି ଯଶ । ସମୁଦ୍ର ମଧ୍ୟେ ଯାଇ ଦେବଇ ଝାସ ସେ । ୨ ॥ ମନ ବଧାତା ଛନ ବଲ୍କଳ କଲା । ବଣରେ ଦୁର୍ଗନ୍ଧ ଭୁଞ୍ଜାଇ ଦେଲା ସେ । ପତିସ୍ତ୍ରୀ ପତ୍ନୀ ଯକ୍ଷ ଅସୁର ପୁରେ । ଶାଳଗ୍ରାମ ରହିଛି ଗଣ୍ଡାକ ସରେ ସେ । ୩ ॥ ରାମଙ୍କ ଶୋକେ ପିତା ହେଲେ ମରଣ । ଲକ୍ଷ୍ମଣ ବିନା ରାମ ତେଜନ୍ତେ ପ୍ରାଣ ସେ । ରାମ ଲକ୍ଷ୍ମଣ ଲାଗି ମୋ ଜୀବ ଯିବ । ମୋ ବିନା ଶତ୍ରୁଘ୍ନ କଷ୍ଟ ଲଭିବ ସେ ।୪। ସୀତା ଦୁଃଖ ମରିବେ ଅସୁର ପୁରେ । ମାତାମାନେ ମରିବେ ପୁତ୍ର ଶୋକରେ ସେ । ଅଜ୍ଞାନେ ଭରତ ସେ ଘଟେ ମଣ୍ଡଳେ । ଶତ୍ରୁଘ୍ନ ଅର୍ପଣ ପ୍ରବୋଧ କରେ ସେ । ୫ । ଔଷଧ ଖାଇ ବଞ୍ଚିବ ଲକ୍ଷ୍ମଣ । ସୀତା ଆଣିବେ ରାମ ମାରି ରାବଣ ସେ । ରାମ ଲକ୍ଷ୍ମଣ ଥାପି ଭରତ ରହିଲା । ଅଧମ ଘନ ମଧୁ ଭାଳେ କହିଲା ସେ । ୬ ॥

ସପ୍ତମ ଛାନ୍ଦ । ରାଗ-ଦେଶାକ୍ଷୀ ।

ଏଥୁ ଅନନ୍ତେ ଭକ୍ତେ ଶୁଣ, ନଦେଖି ମନ ଶ୍ରବଣ, ଲକ୍ଷ୍ମଣ ଶକତିରେଦେ ପଡ଼ିଛ ମଞ୍ଚ । ହନୁର ବଳନ୍ତ ଦେଖି ଶ୍ରୀରାମ ହୋଇଣ ଦୁଃଖି ହନୁ ଅସିବା ମଥକୁ ଅନନ୍ତ ଚାହିଁ । ଔଷଧ ତ ମିଳିଲା ନାହିଁ । ଏଥରେ ତ ବନ୍ଧୁ ଅବା ଦେହିଲା ବନ୍ଧୁ । ୧ । ସୁଗ୍ରୀବର ଦୋଷେ ଅଙ୍ଗଦ ଜେମାଦେନ, ନଳ ନଳ ଅଦ ସବେ ସ୍ମରନ୍ତ ବସି । ଜମ୍ବେବ ବୋଲଇ ଭୀଇ ପଥ ଅଟେ ବହୁଦୂର ଉର୍ଦ୍ଧ୍ୱେ ଅବନ ସୁତ ମିଳବ ଅସି । ଦେଖା ଭଣେ ମାରବ ହନୁ । ବାଳକାଳେ ହାତେ ଧର ଅଛି ସେ ହନୁ । ୨ । ଏମନ୍ତେ ସ୍ମରନ୍ତେ ବସି, ହନୁ ପ୍ରବେଶିଲା ଅସି, ମଥାରେ ବହିଣ ଅଛି ମହା ପର୍ବତ । ସବ ପୁଅପତି

ଧରି ଶିରକୁ ରଖିଲେ କୋଳ ପଶ୍ଚିମନ୍ତ ଭ ଅଙ୍ଗିକୁ ଏତ ବଚନ । ହନୁ ବୋଲେ ଔଷଧ ମୁହିଁ । ନ ପାଇବାରୁ ଫଳକ ଆଣିଲି ବହି । ୩। ହନୁରୁ ନିରନ୍ତ ଧନ୍ୟ ଉଠିଲେ ଘର ସୁଷେଣ । ଔଷଧ ଚଚ୍ଛି ଲକ୍ଷ୍ମଣ ମୁଖରେ ଦେଲେ । ନିଦ୍ରାରୁ ଉଠିଲା ପ୍ରାୟେ, ଲକ୍ଷ୍ମଣର ଚେତା ହୁଏ, ପାଇଣ ନମିଲେ ରାମ ଚରଣ ତଳେ । ଦେଖି ରାମ ହେଲେ ଆନନ୍ଦ । ନନ୍ଦନ ପାଇଲା ଜବା ଅଭିନ୍ନ ଅଙ୍ଗ । ୪ । ଲକ୍ଷ୍ମଣର କଷ୍ଟ ଶୁଣି ଶୋକେ ଥିଲେ ରାମରାଣୀ ଜାନକୀ ପାଇଣ ସୀତା ହେଲେ ସନ୍ତୋଷ । ବୃତ ରାବଣେ ନାଇତା, ଲକ୍ଷ୍ମଣ ବଞ୍ଚିବା କଥା, ତନ୍ତ୍ରାଳରେ ଦର୍ଶଣିକ ହେଲା ହରଷ । ଫଙ୍କରୁ ଭାୟାନେ ଥୋଇ । ଅଣିଲା ଯେ ହନୁମନ୍ତ ନ ଜାଣେ ଭେଦ । ୫ । ସଙ୍ଗ କପିଗଣ ମିଳ ଦେଇଣ ଯେ କରତାଳ ଆନନ୍ଦ ତାଙ୍କର ଅନ୍ୟ କେ ପାରେ କହି । ହନୁରୁ ଶ୍ରୀରଘୁନାଥ କଲେ ନେଇ କୋଳାଗ୍ରତ ସ୍ନେହଳସ୍ୟରେ ପ୍ରବେଶ ହୋଇଲେ ଯାହିଁ । ପ୍ରତିଜ୍ଞା ଯେ କଲେ ଲକ୍ଷ୍ମଣ । ଜାଇ ଦଶବଦନ ହେବୁ ଦୁଷ୍ଟ ରାବଣ । ୬ । ଶ୍ରୀରାମ ଲକ୍ଷ୍ମଣ ଘର ବଶୀକଣ ସୁଗ୍ରୀବର ହନୁ ଆଦ ସୁମଙ୍ଗଳେ ବସିଲେ ତହିଁ । ପ୍ରଭାତେ ଉଠି ରାବଣ ଲଙ୍କାଧୂନ୍ୟ କରିଯିନ୍ୟ ପୁଷ୍ପକ ରଥେ ରଣେ ଅଣିଲା ସେହି । ରାମ ସଙ୍ଗେ କଲା ଘୋର ରଣ । ଶେଷେ ଶ୍ରୀରାମଙ୍କ ହସ୍ତେ ହେଲା ମରଣ । ୭ । ପରମସୁନ୍ଦରୀ ସୀତା କଲେ ଅଗ୍ନି ପରୀକ୍ଷିତା ବିଭୀଷଣକୁ ଲଙ୍କାରେ କଲେ ରାଜନ । ଶ୍ରୀରାମ ସୀତା ଲକ୍ଷ୍ମଣ ବସିଲେ ପୁଷ୍ପକଯାନ ଅଯୋଧ୍ୟା ପୁରକୁ କଲେ ପ୍ରତି ଗମନ । ଅଯୋଧ୍ୟାରେ ହୋଇଲେ ରାଜା । ସୁଖେର ସମାନେ ପାଳା ପାଇଲେ ପ୍ରଜା । ୮ । ସୁଗ୍ରୀବର ଯେ ଅଙ୍ଗଦ ହନୁଆଦ କପିବୃନ୍ଦ ନାନା ଅଲଙ୍କାର ବସ୍ତ୍ର ତୋଷିଲେ ତାଙ୍କୁ । ବସ୍ତ୍ର ସମାଦର କଲେ ସ୍ୱପୁରେ ବିଦାୟ ଦେଲେ ଉତ୍ତମ କରଲେ ରାମ ପୂର୍ଣ୍ଣ ଏଣକୁ । ସେ ରାମଙ୍କ ପଦ୍ମଚରଣ । ଅଧମ ମଧୁ-ସୂଦନ ମାଗେ ଶରଣ । ୯ ।

ସମାପ୍ତ ।

...RAL LIBRARY.

ଉତ୍କଳ ପ୍ରେସ ପୁସ୍ତକାଳୟ ।

ଅଙ୍ଗଦପଦ	ଟ ୦ ৵
ଅଭଙ୍ଗ ସଂହିତା	ଟ ୦ ৵୨
ଅଶ୍ୱମେଧ ଯଜ୍ଞ	ଟ ୦ ৵
ଆର୍ତ୍ତତ୍ରାଣ ଚଉତିଶା	ଟ ୦ ୵
ଆରଣ୍ୟପର୍ବ	ଟ ୦ /
ଉଦ୍ଧବ ସଂବାଦ ଟୀକା	ଟ ୦ ।৵
ବୃହତ ଉଷେନ୍ଦ୍ରଙ୍କ ସଙ୍ଗୀତ	ଟ ୦ /୨
ରେଳଗାଡ ଗୀତ	ଟ ୦ ୵
ଏକାଦଶ ସ୍କନ୍ଧ	ଟ ୦ ।৵୨
କପଟପଶା	ଟ ୦ /=
କମଳାକାନ୍ତ ଚଉତିଶା	ଟ ୦ /୨
କୌଶଲ୍ୟାରୋଦନ ଚଉତିଶା	ଟ ୦ ୵୨
କୋଇଲି ମାଳତୀ	ଟ ୦ ୬
ଗୋପୀଭାଷା	ଟ ୦ ୵
ଗୋପାଳଙ୍କ ଓଗାଳ	ଟ ୦ ৵
ଗଙ୍ଗାମହାତ୍ମ୍ୟ	ଟ ୦ ।
ଗୁଣ୍ଡିଚାପର	ଟ ୦ ৵
ଗଜନିସ୍ତାରଣ	ଟ ୦ ୨
ଚନ୍ଦ୍ରଭ ମଣା	ଟ ୦ ୨
ଜୈମିନି ଭାରତ	ଟ ୧।
ଝୁଲଣା	ଟ ୦ ৵
ଟିନାଟ ମେଳା	ଟ ୦ /
ବାକ୍ୟ-ଭାରତି ଉପାମୃତ	ଟ ୦ ।৵

ଦାରୁବ୍ରହ୍ମ	ଟ ୦ ৵
ଦଶମସ୍କନ୍ଧ ଗୋପଲୀଳା	ଟ ୦ ୵/
[illegible]	ଟ ୦ ।৵
ଧ୍ରୁବମଞ୍ଜରୀ	ଟ ୦ /
[illegible]	ଟ ୦ ୬
ନୃପାଳକ	ଟ ୦ ୨
ନଟୁଚୋର	ଟ ୦ ୨
ନାଭୁଦେଳ	ଟ ୦ ୬
ନରମେଧ ଯଜ୍ଞ	ଟ ୦ ৵୨
ନବସୁମାଟ	ଟ ୦ ୵
ପୂଜାପ୍ରଳ	ଟ ୦ ।/
ପ୍ରଭାତ ଅବକାଶ	ଟ ୦ /
ପ୍ରସ୍ତାବସିନ୍ଧୁ	ଟ ୦ ।/
ବଭ୍ରୁବାହନ ଯୁଦ୍ଧ	ଟ ୦ ।/
ବର୍ଣ୍ଣପରିଚୟ ୧ମ ଓ ୨ୟ	ଟ ୦ ৵
ବଗୋଳୃଜ ୧ମଶିକ୍ଷା	ଟ ୦ /୨
ବଳରାମାୟଣ	ଟ ୦ ৵
ବସ୍ତୁ ପୁରାଣ	ଟ ୦ ।
ବ୍ରହ୍ମାଣ୍ଡଭୂଗୋଳ	ଟ ୦ ৵
ଉପଭୋକ୍ଷା	ଟ ୦ /୨
ଲଙ୍କାକାଣ୍ଡ ସୁଅଙ୍ଗ	ଟ ୦ ৵୨
ସୀତା ବିଳାପ	ଟ ୦ ୵୧
ହରିନାମ ଦର୍ପଣ	ଟ ୦ ৵୨

ଶ୍ରୀ ମଣିଲାଲ ମହାପାତ୍ର ପ୍ରୋପ୍ରାଇଟର ।

"ଉତ୍କଳ ପ୍ରେସ" ୮, ଦେବ ଲେନର ଖୋଷପୁର, ବହୁବଜାର, କଲିକତା ।